ନିମ୍ବକୁ କରିଅଛୁ ଦାରୁ

ବିପିନ ବିହାରୀ ମହାନ୍ତି

ଦାରୁବ୍ରହ୍ମ ଗୀତାରେ ଉଲ୍ଲେଖ ଅଛି ଯେ ଯଦୁବଂଶ ଧ୍ୱଂସ ପରେ ଶିଉଳି ଲଟାତଳେ ଶୟନ ଜନିତ ବିଶ୍ରାମ ବେଳେ ଜାରାଶବର ଶରାଘାତରେ ଶ୍ରୀକୃଷ୍ଣ ଦେହତ୍ୟାଗ କଲେ । ସେ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ରଭାବେ ବିରାଜମାନ ହେଲେ । ତାଙ୍କ ମୃତପିଣ୍ଡ ସେମିତି ପଡିରହିଲା । ପାଣ୍ଡବମାନେ ତାଙ୍କ ମୃତପିଣ୍ଡକୁ ନେଇ ଯମନିକ ତୀର୍ଥରେ ଦୁଇଟି ଚନ୍ଦନ କାଠର ଘର୍ଷଣଜନିତ ଅଗ୍ନିରେ ତାଙ୍କ ଶବ ସତ୍କାର କଲେ । ଆଶ୍ଚର୍ଯ୍ୟ କଥା ଏ ନିଆଁ ସାତଦିନ ପର୍ଯ୍ୟନ୍ତ ଜଳିଲା ଅଥଚ ସେ ପିଣ୍ଡ ଦଗ୍‌ଧ ହେଲାନାହିଁ । ଏଣୁ ପାଣ୍ଡବମାନେ ଚିନ୍ତାରେ ପଡିଲେ । ପରେ ଶୂନ୍ୟବାଣୀ ଅନୁଯାୟୀ ସେମାନେ ଏ ଅର୍ଦ୍ଧଦଗ୍‌ଧ ଶରୀରକୁ ସମୁଦ୍ରରେ ଭସାଇ ଦେଲେ । ପୁନଶ୍ଚ ଭବିଷ୍ୟବାଣୀ ହେଲା ଯେ ଏହି ପିଣ୍ଡ ଦାରୁ ରୂପେ ନୀଳାଚଳ ଧାମରେ ପାଦପାଣିହୀନ ବୁଦ୍ଧ ରୂପେ ପୂଜା ପାଇବେ ।



ଡକ୍ଟର ବେଣୀ ମାଧବ ପାଢୀଙ୍କ 'ଦାରୁ ଦେବତା' ଗ୍ରନ୍ଥରେ ଶ୍ରୀଜଗନ୍ନାଥ ବିଷୟକ ମତ ମଧ୍ୟ ଏଠାରେ ବିଚାରକୁ ନିଆଯାଇପାରେ । ବୃକ୍ଷ ଧର୍ମୀ ଶବରର ନୀଳାଦ୍ରିକନ୍ଦର ଦାରୁଦେବତା ଭିତରେ ଜୈନ ଦ୍ରାବିଡର ପୁରୁଷୋତ୍ତମ ଭାବ ପଶି ମୂଳ ଦାରୁକୁ ପୁରୁଷୋତ୍ତମ ନାମରେ ନାମିତ କଲା ।

ପଣ୍ଡିତ ନୀଳକଣ୍ଠ ଦାସ ଲେଖିଛନ୍ତି: ଖ୍ରୀଷ୍ଟୀୟ ୭ମ ଓ ଅଷ୍ଟମ ଶତାବ୍ଦୀ ବେଳକୁ କେଉଁଝର, ସମ୍ବଲପୁର, ସୋନପୁର, ପାଟଣା, ଘୁମୁସର, ମୟୂରଭଞ୍ଜ ଓ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳକୁ 'ଉଡ୍‌ଡିୟାନ୍' କୁହାଯାଉଥିଲା । ଏଠାରେ ଶବରମାନେ ହିଁ ବହୁ ସଂଖ୍ୟାରେ ବସତି ସ୍ଥାପନ କରିଥିଲେ । ସେମାନେ ଆବହମାନ କାଳରୁ ନିର୍ମିତ ଶବରୀ ନାରାୟଣ ମୂର୍ତ୍ତି ଉପାସନା କରି ଆସୁଥିଲେ । ବୋଧହୁଏ ଏହିମାନେ ପୁରୀର ଶ୍ରୀଜଗନ୍ନାଥଙ୍କୁ ନିମ୍ବ କାଠରେ ଗଢି ନିଜର କରି ରଖିଥିଲେ । ପରେ ଉଡ୍‌ଡିୟାନର ରାଜା ଇନ୍ଦ୍ରଭୂତି ଯେ କି ଶୂନ୍ୟବାଦୀ ବୌଦ୍ଧଥିଲେ, ଜଗନ୍ନାଥଙ୍କୁ 'ସର୍ବଜୀନ ବରାର୍ଜିତ ଓ ସର୍ବ ବୁଦ୍ଧମୟ' କହି ତାଙ୍କର ବୌଦ୍ଧତ୍ୱ ପ୍ରତିପାଦନ କଲେ । ସେତେବେଳକୁ ଅନ୍ୟାନ୍ୟ ଶବର ଅଞ୍ଚଳ ମଧ୍ୟରେ ପୁରୀ ଅନ୍ତର୍ଗତ ହୋଇଥାଉ ବା ନହୋଇଥାଉ ଅନ୍ତତଃ ସେଠାରେ ଦେବତା ଶ୍ରୀଜଗନ୍ନାଥ ନାମରେ ଅଭିହିତ ହେଉଥିଲେ । ହୁଏନସାଂ ତାଙ୍କ ଜୀବନୀରେ ଉଡ୍‌ଡିୟାନର ଯେଉଁ ୯୦ଫୁଟ ଉଚ୍ଚର କାଠ ପୂଜା ପାଉଥିବା କଥା ଉଲ୍ଲେଖ କରିଛନ୍ତି, ତାହା ବୋଧହୁଏ ସେହି ଯୁଗରୁ ଦାରୁଦେବତା ପୁରୁଷୋତ୍ତମ ରୂପେ ଲୋକେ ପରିଚିତ ହେଲେ । ଗୀତାର ପୁରୁଷୋତ୍ତମ ତତ୍ତ୍ୱର ଯେଉଁ ବ୍ୟାଖ୍ୟା

ଦିଆଯାଇଛି, ତାହା ପୁରୁଷୋତ୍ତମ ତତ୍ତ୍ୱର ସଙ୍କେତ ଯେ ନୀଳାଚଳରେ ପ୍ରତିଷ୍ଠିତ ଦାରୁଦେବତା ବିନା ଅନ୍ୟ କେହି ନୁହଁନ୍ତି । ନିମ୍ବକାଠ ନିର୍ମିତ ଶବରୀ ନାରାୟଣ ବ୍ୟତୀତ ସେ ଆଉ କିଛି ନୁହଁନ୍ତି, ଯାହାକି ସେ କାଳର ପାଷାଣ ଦେବାଦେବୀଙ୍କ ସହିତ ସମାନ୍ତରାଳ ଭାବେ ଆତ୍ମ ପ୍ରତିଷ୍ଠା ଲାଭ କରିଆସିଥିଲା ।

ଉପରୋକ୍ତ ଆଲୋଚନାରୁ ଦୁଇଟି କଥା ମିଳେ । ପ୍ରଥମଟି ହେଲା ଶ୍ରୀକୃଷ୍ଣଙ୍କ ଦେହାବଶେଷରୁ ଦାରୁଦେବତା । ଦ୍ୱିତୀୟଟି ହେଲା ଶବର ପୂଜିତ ନିମ୍ବକାଠର ଦାରୁଦେବତା । ଏହି ଦ୍ୱିତୀୟ ପ୍ରଶ୍ନଟିର ଉତ୍ତର ସର୍ବଜନବିଦିତ ନୁହେଁ । ଅନେକ ଶାସ୍ତ୍ର ଖାଲି ଦାରୁ ଦେବତା ବୋଲି ଉଲ୍ଲେଖ କରିଛନ୍ତି, ମାତ୍ର ନିମ୍ବ କାଠ କାହିଁକି ବୋଲି କେହି ସନ୍ଦେହ ଦୂରୀଭୂତ କରିନାହାଁନ୍ତି ।

ପୁରାଣଗୁଡ଼ିକରେ ଦେବତାମାନେ ଏ ଯୁଗରୁ ଆର ଯୁଗକୁ ସମ୍ବନ୍ଧିତ ଏବଂ ସମ୍ପର୍କିତ । ଏମିତି ସତ୍ୟର ବିଷ୍ଣୁ, ତ୍ରେତୟାର ରାମ, ଦ୍ୱାପରର ଶ୍ରୀକୃଷ୍ଣ ଏବଂ କଳିର ବୁଦ୍ଧ ବା ଜଗନ୍ନାଥ । ଗୋଟିଏ ଜନ୍ମର ନ୍ୟାୟ ବା ଅନ୍ୟାୟ ପାଇଁ ପରଜନ୍ମର ଲାଭ ବା କ୍ଷତି ପୂରଣ ହୁଏ । ଏମିତି ଏକ ବ୍ୟାଖ୍ୟା ଜଗନ୍ନାଥଙ୍କ ଦାରୁକୁ ନେଇ ଅଛି ।

ତ୍ରେତୟା ଯୁଗରେ ଶ୍ରୀ ରାମଚନ୍ଦ୍ର ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ କରି ତା'ର ପରମ ଶତ୍ରୁ ବାଳୀକୁ ନିମ୍ବଗଛ ଉହାଡରେ ଲୁଚିରହି ଶରବିଦ୍ଧ କଲେ । ସେତେବେଳେ ଏ ନିମ୍ବ ଗଛ ପିତା ନଥିଲା । ଆହତ ଅବସ୍ଥାରେ ଥାଇ ବାଳୀ ଲକ୍ଷ୍ୟ କଲା ଯେ ନିମ୍ବ ଗଛ ପଛପଟେ ଲୁଚିରହି ରାମଚନ୍ଦ୍ର ଶରବିଦ୍ଧ କରିଛନ୍ତି । ରାଗରେ ଗର୍ଜନ କରି ବାଳୀ ନିମ୍ବ ଗଛକୁ କହିଲା: ଏ ବିଶ୍ୱାସଘାତୀ ବୃକ୍ଷ, ତୁ ମୋରି ରାଜ୍ୟରେ ଜନ୍ମି ତା'ରି ମାଟି, ପାଣି ଓ ପବନ ଖାଇ ବଞ୍ଚିଛୁ । ମାତ୍ର ତୋ'ର ଜାଣିବାରେ ମୋତେ ସେ ଲୁଚି ବନ୍ଧ କରୁଛନ୍ତି, ଅଥଚ ତୁ' ମୋତେ ଟିକିଏ ସାବଧାନ କରାଇ ପାରିଲୁ ନାହିଁ ? ତୁ' ଗୋଟାଏ ଶତ୍ରୁ ଏବଂ କୃତଘ୍ନ । ମୁଁ ତୋତେ ଅଭିଶାପ ଦେଉଛି ଯେ, ଏଣିକି ତୋ'ର ସର୍ବାଙ୍ଗ ପିତା ହୋଇଯାଉ । ତୋ'ର ସ୍ୱାଦିଷ୍ଟ ଗୁଣ ନଷ୍ଟ ହୋଇଯାଉ । ତୋତେ ଲୋକେ ପାଟିରେ ଦେଉ ଦେଉ ଥୁ' ଥୁ' କରନ୍ତୁ । ଆଶ୍ଚର୍ଯ୍ୟ ! ସେଇ ମୁହୂର୍ତ୍ତରେ ତା'ର ସର୍ବାଙ୍ଗ ପିତା ହୋଇଗଲା । ଏବେ ଗଛଟି ଶ୍ରୀରାମଚନ୍ଦ୍ରଙ୍କୁ ନିବେଦିଲା: ପ୍ରଭୁ, ଏଥିକୁ ମୋର କି ଦୋଷ ଥିଲା ? ଆପଣଙ୍କ ଯୋଗୁଁ ମୋର ଏ ଦଣ୍ଡ । ମୁଁ କ'ଣ ଆପଣଙ୍କୁ ମନା କରିପାରିଥାନ୍ତି ଯେ ମୋ ଉହାଡରେ ଲୁଚି ମୋ ପ୍ରଭୁ (ବାଳୀ)କୁ ବନ୍ଧ କରନ୍ତୁ ? ଆପଣ ଏଥିରୁ ମୋତେ ଉଦ୍ଧରନ୍ତୁ ।

ରାମଚନ୍ଦ୍ର କହିଲେ, ମନ ଦୁଃଖ କରନାହିଁ ହେ ବୃକ୍ଷ ଦେବତା । ତୁମେ ସିନା ପିତା ହୋଇଗଲ, ମୁଁ ବର ଦେଉଛି ଯେ ତୁମେ ଏକ ଅମୋଘ ଔଷଧୀୟ ଶକ୍ତି ଲାଭ କରିବ । ପ୍ରାଣୀ ଜଗତ ତୁମ ଯୋଗୁଁ ମୃତ୍ୟୁ କବଳରୁ ରକ୍ଷା ପାଇବେ । ବହୁ ରୋଗରୁ ଆରୋଗ୍ୟ ହେବେ । ଖାଲି ସେତିକି ନୁହେଁ, କଳିଯୁଗରେ ମୁଁ ତୁମର ଦେହ ବା କାଠରେ ଦାରୁଦେବତା ରୂପେ ନୀଳାଚଳରେ ପୂଜା ପାଇବି ।

ଏହା ଯଦି ସତ୍ୟ ବୋଲି ଗ୍ରହଣ କରାଯାଏ, ଶ୍ରୀଜଗନ୍ନାଥ ନିମ୍ବ ଦାରୁରେ ଦାରୁବ୍ରହ୍ମ ବୋଲି ଗ୍ରହଣୀୟ । ଆଉ କିଛି ଅନ୍ୟ କାରଣ ନିମ୍ବରୁ ଦାରୁକୁ ନେଇ ଥାଇପାରେ । ତେବେ ଏତିକି କହିବା ସେ କାହିଁକି ନିମ୍ବକୁ ଦାରୁକଲା, ସେ ଏକା ଜାଣେ । ଆମେ କେବଳ ଏଠି ଗୋଟିଏ ଦୃଷ୍ଟାନ୍ତ ଦେଲୁ ।

ନିମ୍ବର ଔଷଧୀୟ ଗୁଣ ସର୍ବାଧିକ ଏବଂ ଔଷଧମାନଙ୍କ ମଧ୍ୟରେ ସର୍ବୋତ୍ତମ । ଏପରିକି ଦୂରାରୋଗ୍ୟ କୁଷ୍ଠରୋଗ ନିମ୍ବଦ୍ୱାରା ପ୍ରସ୍ତୁତ ଔଷଧରେ ଭଲ ହୁଏ । ନିମ୍ବଦ୍ୱାରା ପ୍ରସ୍ତୁତ ଔଷଧ ଏକ ଅମୋଘ (ପେଟେଣ୍ଟ) ଔଷଧ ଅଟେ । ବିଶ୍ୱ ବଜାରରେ ଏହାର ଚାହିଦା ସବୁଠୁ ଅଧିକ ।

ପ୍ରାକ୍ ବୈଦିକ ଯୁଗରୁ ମଣିଷ ଯାହାଠୁ ଉପକାର ପାଏ, ତାକୁ ଦେବତା ବୋଲି ପୂଜା କରେ । ଏପରିକି ଯେତେବେଳେ ସେ ଭଗବାନଙ୍କୁ ଆବିଷ୍କାର କରିନଥିଲା, ସେତେବେଳେ ସେ ପ୍ରକୃତିର ବୃକ୍ଷଲତା, ନଦୀ, ନାଳ..., ଯାହାଠୁ ଉପକାର ପାଇଛି, ତାକୁ ଠାକୁର ବୋଲି ପୂଜା କରିଛି । ଏ ଦୃଷ୍ଟିରୁ ନିମ୍ବକୁ ଦାରୁ ରୂପେ ପୂଜା କରିବା ଅସମୀଚୀନ ନୁହେଁ ।

ବିକାଶ ନଗର, ଜଟଣୀ, ଖୋର୍ଦ୍ଧା